TPWODL

ଟିପି ୱେଷ୍ଟର୍ଣ୍ଣ ଓଡ଼ିଶା
ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍
(ଟାଟା ପାୱାର ଓ ଓଡ଼ିଶା ସରକାରଙ୍କ ଏକ ଯୌଥ ଉଦ୍ୟୋଗ)

PRESS RELEASE

## ପ୍ରେସ୍ ବିଜ୍ଞପ୍ତି ୬୬

# ଟିପିଡବ୍ଲୁଓଡିଏଲ୍ ପକ୍ଷରୁ ବଲାଙ୍ଗିର ଏବଂ ସୋନପୁର ଜିଲ୍ଲାରେ ଚକ୍ଷୁ ପରୀକ୍ଷା ଶିବିର ଆୟୋଜିତ

**ବଲାଙ୍ଗିର/ସୋନପୁର, ୧୩ ସେପ୍ଟେମ୍ବର, ୨୦୨୫:** ଟାଟା ଭଲେଣ୍ଟିଅର୍ ସପ୍ତାହ ଏବଂ ଏହାର ସାମାଜିକ ଦାୟିତ୍ୱବୋଧ କାର୍ଯ୍ୟକଳାପ ଅନ୍ତର୍ଗତ ଟିପି ୱେଷ୍ଟର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ (ଟିପିଡବ୍ଲୁଓଡିଏଲ୍) ପକ୍ଷରୁ ବଲାଙ୍ଗିର ଏବଂ ସୋନପୁର ଜିଲ୍ଲାରେ ଚକ୍ଷୁ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି ।

ବଲାଙ୍ଗିର ଜିଲ୍ଲା ଅନ୍ତର୍ଗତ ଖଜୁରପଡ଼ାଠାରେ ଗତ ତା. ୧୧.୦୯.୨୦୨୫ ରିଖ ଦିନ ଏହି ଚକ୍ଷୁ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଥିଲା । ଯେଉଁଠାରେ ୧୭୭ ଜଣ ଗ୍ରାମବାସୀ ମାଗଣା ଚକ୍ଷୁ ପରୀକ୍ଷା କରିବା ସହିତ ଆବଶ୍ୟକ ଥିବା ଲୋକମାନଙ୍କୁ ଚଷମା ଏବଂ ଔଷଧ ପ୍ରଦାନ କରାଯାଇଥିଲା । ଯାହା ତାଙ୍କର ଦୃଷ୍ଟିଶକ୍ତି ଫେରାଇ ଆଣିବା ସହିତ ଜୀବନ ମାନରେ ସୁଧାର ଆଣିବ । ସେହିପରି କମ୍ପାନୀ ପକ୍ଷରୁ ସୋନପୁର ସହର ଅନ୍ତର୍ଗତ ବାପୁଜୀ କ୍ଲବଠାରେ ମଧ ଗତ ତା. ୧୨.୦୯.୨୦୨୫ ରିଖ ଦିନ ଚକ୍ଷୁ ପରୀକ୍ଷା ଶିବିର ଆୟୋଜିତ ହୋଇଥିଲା । ଏହି ଶିବିରରରେ ମୋଟ ୬୫ ଜଣ ଗ୍ରାମବାସୀ ମାଗଣା ଚକ୍ଷୁ ପରୀକ୍ଷାରୁ ଲାଭାନ୍ୱିତ ହେବା ସହ ଆବଶ୍ୟକୀୟ ବ୍ୟକ୍ତିଙ୍କୁ ମଧ ଚଷମା ବଣ୍ଟନ କରାଯାଇଥିଲା ।

ସେହିପରି ମହିଳାମାନଙ୍କ ସ୍ୱାସ୍ଥ୍ୟ ଏବଂ ପରିଛନ୍ନତା ଉପରେ ଧ୍ୟାନ ଦିଆଯାଇ କମ୍ପାନୀ ପକ୍ଷରୁ ଗତ ତା. ୧୨.୦୯.୨୦୨୫ ରିଖ୍ ଦିନ କଳାହାଣ୍ଡି ଜିଲ୍ଲା ଅନ୍ତର୍ଗତ କନ୍ଦମା, ବୋଣ୍ଡେଲ ଏବଂ ମୁସାନାଲ ଗାଁରେ ଏକ ପରିମଳ ସ୍ୱାସ୍ଥ୍ୟ ସଚେତନତା ଅଭିଯାନ ଆୟୋଜିତ କରାଯାଇଥିଲା । ୧୨୦ ରୁ ଅଧିକ ମହିଳା ଏବଂ ବାଳିକା ପରିଷ୍କାର ପରିଛନ୍ନତା ଉପରେ ଆୟୋଜିତ ଏହି ସଚେତନତା ଅଧିବେଶନରେ ଯୋଗ ଦେଇଥିଲେ । ସଚେତନତା ସଭା ସହିତ ଏଥିରେ ସାନିଟାରି ପ୍ୟାଡ୍ ମଧ ବଣ୍ଟନ କରାଯାଇଥିଲା, ଯାହା ନିରାପଦ ଓ ସ୍ୱାସ୍ଥ୍ୟକର ପ୍ରଥାକୁ ପ୍ରୋତ୍ସାହନ କରେ ।

**କର୍ପୋରେଟ୍ ଯୋଗାଯୋଗ ଏବଂ ସରକାରୀ ସମ୍ପର୍କ ମୁଖ୍ୟ**
**ଟିପିଡବ୍ଲୁଓଡିଏଲ୍, କର୍ପୋରେଟ୍ କାର୍ଯ୍ୟାଳୟ, ବୁର୍ଲା**